# ରାମରାଜ୍ୟ

କବି ରଘୁନାଥ ଦାସ

ଅଂଗରେଜୀକୁ କଂଗରେସି ବଳିଲାରେ ।୦ ।

ଇଏ କଳା ଭାଲୁ ସିଏ ଥିଲା ବାଘ

ଦୁଇ ଜାନୁଆର ହୋଇଗଲେ ସାଂଗ

ଗାଁଏ ଗାଁଏ ହେଲା ଜାଲିଆନାବାଗ

କଥା କଥାକେ ଗୁଳି ଚାଲିଲାରେ ।

ସୁଧ ଦେଇ ଖୁଦ ନ ମିଳେ ଉଧାର

କପଡ଼ା ଛପିଲା କଉପିନି ସାର

ତେଲ ବିନା ମୁଣ୍ଡେ ଝୋଟ ହେଲା ବାଳ

ଭଲା ରାମ ରାଇଜ ମିଳିଲାରେ ।୧ ।

ଜମିଦାର ରଜା ଚୋରା ବେପାରି

ଗାଦିରେ ବସିଲେ ଭଣ୍ଡ କୁଆଡ଼ି

ତଣ୍ଟିଚିପା ଧନେ ମଟର ଗାଡ଼ି

ଚଢ଼ି ମୁଡ଼ିଖିଆ କଥା ଭୁଲିଲାରେ ।୨ ।

କାହିଁ ଲାଞ୍ଚମିଛ କାହିଁ ଜୁଆଚୋରି

www.jataayu.org

# ରାମରାଜ୍ୟ

କବି ରଘୁନାଥ ଦାସ

କାହିଁ କାନ୍ତାରାଟି ସଙ୍ଗେ ଭାଗିଦାରୀ

କାହିଁ ଭଣଜାକୁ ଅଏସି ଚାକିରୀ

ପାପ ଧନରେ ଥଳି ଭରିଲାରେ ।୩ ।

ଦେଶ ସେବା ବୋଲି ବଚନ ପାଳିସ

ତନିଗୁଣ ହେଲା ଠେଙ୍ଗୁଲି ପୁଲିସି

ଢ଼େଙ୍ଗାରେ ପିଟୁଛି ଶହେ ଚୌରାଳିଶ

କଳା ଜୁଲମରେ ଦେଶ ଥରିଲାରେ ।୪ ।

ଦୋହାଲି କେଣ୍ଡା ଛୁଟିଗଲା ବାଆ

ଏକଜୁଟ ହେଲେ ହଳିଆ ମୂଲିଆ

ଲାଲଝଣ୍ଡା ଆସେ ହାତେ ଧରି ଦାଆ

କିଳାପୋତିଆଙ୍କ ଗାଦି ଟଳିଲାରେ ।୫ ।

www.jataayu.org